ଓଡ଼ିଶା

୩ ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ାରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର । ୨୯ ଏପ୍ରିଲ, ୨୦୨୪ । ସୋମବାର

ଆଜିର ରାଶିଫଳ

ତାରିଖ	ସୋମବାର– **ପଞ୍ଚମୀ**
୨୯.୪.୨୦୨୪	ନକ୍ଷତ୍ର– ପୂର୍ବାଷାଢା, ଧନୁଚନ୍ଦ୍ର



ମେଷ	:	ସହଯୋଗ ପ୍ରାପ୍ତି ।
ବୃଷ	:	ଆଘାତ ।
ମିଥୁନ	:	କର୍ମରେ ସୁଖ।
କର୍କଟ	:	ନୂତନ ଚୁକ୍ତି ସଂପାଦିତ ।
ସିଂହ	:	ବନ୍ଧୁ ବିଦ୍ୱେଷ ।
କନ୍ୟା	:	ଅସୁସ୍ଥତା ।
ତୁଳା	:	ଭ୍ରମଣ ଯୋଗ ।
ବିଛା	:	ଶୁଭସମ୍ବାଦ।
ଧନୁ	:	ସଫଳତା ।
ମକର	:	ବ୍ୟୟବୃଦ୍ଧି।
କୁମ୍ଭ	:	କର୍ମେ ଖୁସି।
ମୀନ	:	ଲାଭ ଯୋଗ ।

ବେତନଟୀ ବ୍ଲକରେ ବସୁଧା ଜଳ ଯୋଗାଣ ବ୍ୟବସ୍ଥା ଦିଗହରା

୨୭।୪, ଏକ୍ସପ୍ରେସ୍ ନ୍ୟୁଜ୍

ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାର ବିକାଶର କାର୍ଯ୍ୟକୁ ପାଥେୟ କରି କ୍ଷମତାକୁ ଆସିବା ପରେ ଫଳ କିନ୍ତୁ ସମ୍ପୂର୍ଣ୍ଣ ଓଲଟା ପ୍ରତିଫଳିତ ହେଉଛି । ରାସ୍ତା , ପାଣି, ଶିକ୍ଷାକୁ ଗୁରୁତ୍ୱ ଦେଉଥିବା ନେଇ ବାରମ୍ବାର ଡିଣ୍ଡିମ ପିଟୁ ଥିଲେ ବି ବାସ୍ତବରେ ସ୍ଥାନୀୟ ଲୋକେ ଏହାଠୁ ବହୁ ଦୂରରେ ଥିବା ପରିଲକ୍ଷିତ ହେଉଛି । ଚଳିତ ବର୍ଷ ପ୍ରଚଣ୍ଡ ରୌଦ୍ରତାପରେ ସାରା ରାଜ୍ୟ ଜର୍ଜରିତ ହେଉଥିବା ବେଳେ ବେତନଟୀ ବ୍ଲକ ର ଅନେକ ଗ୍ରାମ ଗୁଡିକରେ ବସୁଧା ଯୋଜନା ରେ ପାଣି ପାଇଁ ସାତ ସପନ ପ୍ରାୟ ହୋଇ ଯାଇଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି ଛ ଗ୍ରାମ୍ୟ ଜଳ ଯୋଗାଣ ଏବଂ ପରିମଳ ବିଭାଗ ର ବେତନଟୀ ବ୍ଲକ ଅଧୀନ ରେ ବିଭିନ୍ନ ଗ୍ରାମ ମାନଙ୍କରେ ବସୁଧା ଜଳ ଯୋଗାଣ ପାଇଁ ଟାଙ୍କି ନିର୍ମାଣ ହୋଇପାରିନାହିଁ , କେଉଁଠାରେ ନିର୍ମାଣ ହୋଇଛି ତ ଘର ମାନଙ୍କୁ ସଂଯୋଗ କରାଯାଇ ନାହିଁ , କେଉଁଠାରେ ସମସ୍ତ କାର୍ଯ୍ୟ ସରିଥିବା ବେଳେ ବିଦ୍ୟୁତ ସଂଯୋଗ ହୋଇ ପାରିନାହିଁ, କେଉଁଠି ନିର୍ମାଣର ଅଳ୍ପଦିନ ଭିତରେ ଟାଙ୍କିରୁ ପାଣି ଝରୁଛି ଭଳି ନାନା ସମସ୍ୟା ଠିକାଦାର ଏବଂ ବିଭାଗୀୟ ଯନ୍ତ୍ରୀଙ୍କ ମାନଙ୍କ ଜ୍ଞାତ

ସାରରେ ହେଉଥିବା ଅଭିଯୋଗ ହେଉଛି।ବସୁଧା ପାଣି ଟାଙ୍କିକୁ ବିଦ୍ୟୁତ ସଂଯୋଗ କୁ ନେଇ ବେତନଟୀ ବ୍ଲକ ଅଧୀନ ପୁରୁଣିଆ ପଞ୍ଚାୟତ ର ବାଛୁରୀପଡ଼ା ଗ୍ରାମରେ ଏକ ସମସ୍ୟା ଉପୁଜିଥିବା ବେଳେ ଏହାର କୌଣସି ସ୍ଥାୟୀ ସମାଧାନ ଠିକାଦାର ବା ବିଭାଗୀୟ ଅଧିକାରୀଙ୍କ ଦ୍ୱାରା ହୋଇ ପାରିନଥିବା ଦେଖାଯାଇଛି । ଅନୁରୂପ ଭାବେ ରଘୁପୁର ପଞ୍ଚାୟତର ପଣସିଆ ଏବଂ ଖୁଣ୍ଟାପୁର ଠାରେ ବସୁଧା ପାଣି ଟାଙ୍କି ଅସମ୍ପୂର୍ଣ୍ଣ ହୋଇ ପଡି ରହିଥିବା ବେଳେ କେନ୍ଦୁଆ ପଞ୍ଚାୟତର ପଦ୍ମପୁର ଠାରେ ଅସମ୍ପୂର୍ଣ୍ଣ ହୋଇ ପଡିରହିଥିବା ର ଦେଖା ଯାଇଛି । ଠିକ ସେହିପରି ବୈଶିଙ୍ଗା ପଞ୍ଚାୟତ ଅଧୀନରେ ମହୁରୀ , ଦୁର୍ଗାପୁର, ନଛିପୁରିଆ ଠାରେ ପାଣି ଟାଙ୍କି ହେବା ଦୂର ର କଥା କେବଳ ପମ୍ପ ହାଉସ ର ଛାତ ପକାଇ ଠିକାଦାର ଛୁ ମାରିଥିବା ଦେଖା ଯାଇଛି । ଉକ୍ତ ଠିକାଦାର ମହୋଦୟଙ୍କୁ ଯୋଗାଯୋଗ କରିବା ପାଇଁ ଦୀର୍ଘ ଦିନ ହେବ ଚେଷ୍ଟା କରାଯାଉଥିଲେ ମଧ ବାବୁଙ୍କର ଫୋନ ସ୍ୱୁଚ ଅଫ । ସ୍ଥାନୀୟ ଜନସାଧାରଣ ମାନଙ୍କ ମନରେ ପ୍ରଶ୍ନ ଉଙ୍କି ମାରୁଛି କି ବେତନଟୀ ବ୍ଲକର ଗ୍ରାମ୍ୟ ଜଳ ଯୋଗାଣ ଏବଂ ପରିମଳ ବିଭାଗରେ ଏହିଭଳି ଜ୍ଞାତସାରରେ ହେଉଥିବା ଅବ୍ୟବସ୍ଥା ଓ ଠିକାଦାରମାନଙ୍କର ମନମାନି ହେବା ପଛରେ କାରଣ କ'ଣ ? ଏନେଇ ବିଭାଗୀୟ ଅଧିକାରୀ ମାନଙ୍କୁ ଯୋଗାଯୋଗ କରିବା ପାଇଁ ଚେଷ୍ଟା କରିଥିଲେ ମଧ ସେମାନେ ଏହି ଫୋନର କୌଣସି ଉତ୍ତର ଦେଇନଥିଲେ । ମୟୂରଭଞ୍ଜ ଜିଲ୍ଲାପାଳ ଏବଂ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗର ଜିଲ୍ଲା ଅଧିକାରୀ ତୁରନ୍ତ ଏଥି ପ୍ରତି ଦୃଷ୍ଟି ଦେବା ସହ ଯଥା ସମ୍ଭବ ପଦକ୍ଷେପ ନେଇ ଅଞ୍ଚଳ ବାସୀଙ୍କୁ ପାନୀୟ ଜଳ ଯୋଗାଇବାକୁ ଦାବୀ ହୋଇଛି।

ରାସ୍ତାରୁ ହମ୍ପସ ଉଠିବା ପ୍ରସଙ୍ଗ

ରାଜ୍ୟପାଳଙ୍କ ହସ୍ତକ୍ଷେପ ଲୋଡ଼ିଲେ ବୁଦ୍ଧିଜୀବୀ

କଳିଙ୍ଗନଗର,୨୭।୪ ଏକ୍ସପ୍ରେସ୍ ନ୍ୟୁଜ୍

ସୁକିନ୍ଦା ବ୍ଲକ ର ବାଘ ବାହାଳୀ ବଙ୍ଗଳା ଛକ ଠାରୁ ହରିପୁର କଲେଜ ମଧରେ ୯ କିମି ଦୂରତା ରେ ୬୫ ରୁ ଅଧିକ ହମ୍ପସ ରହିଛି ।ଯାହାଫଳରେ ଲୋକମାନଙ୍କର ଗମନା ଗମନ ରେ ବହୁ ଅସୁବିଧା ଓ ସମୟ ନଷ୍ଟ ହେଉଛି, କୌଣସି ଗର୍ଭବତୀ କିମ୍ବା ଗୁରୁତର ରୋଗୀ ଡାକ୍ତରଖାନା ଗଲା ବେଳେ ବହୁତ ଯନ୍ତ୍ରଣା ପାଉଛନ୍ତି, ରାସ୍ତା କଡରେ ଆଲୋକୀକରଣ ନଥିବାରୁ ଓ ହମ୍ପସ ଗୁଡିକ ଚିହ୍ନଟ ନଥିବାରୁ ଅଳ୍ପ ସମୟ ମଧରେ ଦୁର୍ଘଟଣା ଘଟି ଧନ ଜୀବନ କ୍ଷୟ କ୍ଷତି ଘଟୁଛି, ଏହି ରାସ୍ତା ରେ ନଦୀକୂଳ ଅଂଚଳ ର ୮ ଟି ପଂଚାୟତ ସମେତ ପଡିଶା ଢେଙ୍କାନାଳ ଜିଲ୍ଲା ର ଭୁବନ ବ୍ଲକ, ଦାନଗଦି ବ୍ଲକ, ଧର୍ମଶାଳା ବ୍ଲକ ର ଲୋକମାନେ ନିର୍ଭରଶୀଳ, କଳିଙ୍ଗନଗର ଶିଳ୍ପାଞ୍ଚଳ ର କାରଖାନା ରେ କାର୍ଯ୍ୟ କରୁଥିବା ଯୁବକ ଓ ଯୁବତୀ ମାନେ ଦୈନିକ ଏହି ରାସ୍ତା ଉପରେ ଯାତାୟାତ କରିଥାନ୍ତି, ସମ୍ପୃକ୍ତ ରାସ୍ତା ଟି ଅତ୍ୟନ୍ତ ବ୍ୟସ୍ତ ବହୁଳ ରାସ୍ତା ହୋଇଥିବାରୁ ରାସ୍ତାର ଦୁଇ ପାର୍ଶ୍ ରେ ଷ୍ଟ୍ରିଟ ଲାଇଟ ସହିତ ବିନା କାରଣ ରେ ଅନାବଶ୍ୟକ ଥିବା ହମ୍ପସ ଗୁଡିକ ଉଠାଇବାକୁ ଉକ୍ତ ଅଂଚଳ ର ଅର୍ଥବିଭାଗ ର ଅବସରପ୍ରାପ୍ତ ଅଧିକାରୀ ଶ୍ରୀ ମାଧବାନନ୍ଦ ବଳ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶ୍ରୀ ବଂଶୀଧର ପରିଡା ଓ ତରଣୀସେନ ବେହୁରା, ପୂର୍ବତନ ସରପଞ୍ଚ ଅଟଳ ବିହାରୀ ଦାସ, ଚିନ୍ମୟ ବଳ, ଅରୁଣ କୁମାର ମୁଦୁଲି, ଜ୍ଞାନ ରଞ୍ଜନ ବେହୁରା, ରଘୁନାଥ ଓଝା, ସୁଦୀପ୍ତ କୁମାର ମହାନ୍ତି ଏବଂ ବସନ୍ତ କୁମାର ଦାସ ପ୍ରଭୃତି ନିର୍ବାହୀ ଯନ୍ତ୍ରୀ ଓ ପୂର୍ତ୍ତବିଭାଗ ଅଧୀକ୍ଷଣ ଯନ୍ତ୍ରୀ ପାଣିକୋଇଲି, ଗ୍ରାମ ଉନ୍ନୟନ ମନ୍ତ୍ରୀ, ଓଡିଶା, ଜିଲ୍ଲାପାଳ ଯାଜପୁର ଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିପାରି ନଥିଲା. ବାରମ୍ବାର ଜିଲ୍ଲା ପ୍ରଶାସନ ଓ ବିଭାଗୀୟ ଅଧିକାରୀ ମାନଙ୍କୁ ଲିଖିତ ଓ ଆଲୋଚନା କରିବା ପରେ ସୁଫଳ ମିଳି ନଥିବାରୁ ଅଞ୍ଚଳବାସୀ ବୁଦ୍ଧିଜିବୀ ମହଲରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ ନକରିବା ପରେ ଅଞ୍ଚଳ ର ବୁଦ୍ଧିଜିବୀ ମାନେ ମହାମହିମ ରାଜ୍ୟପାଳ ଓଡ଼ିଆ ଙ୍କ ହସ୍ତକ୍ଷେପ ଲୋଡୁଛନ୍ତି

ବାରହା ଶିକାର ପଡ଼ିଥିବା ବିଦ୍ୟୁତ୍ ଫାଶରେ ଆସି ଚାଷୀର ମୃତ୍ୟୁ : ଅଭିଯୁକ୍ତ ଶିକାରୀ ଗିରଫ

ବୁଗୁଡ଼ା,୨୭।୪ ଏକ୍ସପ୍ରେସ୍ ନ୍ୟୁଜ୍

ବୁଗୁଡା ବନାଞ୍ଚଳରେ ବନ୍ୟଜନ୍ତୁ ଶିକାର ଏକ ସାଧାରଣ ଘଟଣା ପାଲଟିଥିବା ବେଳେ ବାରହା ଶିକାର ପାଇଁ ପକାଯାଇଥିବା ବିଦ୍ୟୁତ୍ ଫାସରେ ପଡି ଜନୈକ ଚାଷୀ ମୃତ୍ୟୁ ବରଣ କରିଥିବା ଏବଂ ଅଭିଯୁକ୍ତ ଶିକାରୀଙ୍କୁ ପୋଲିସ ଗିରଫ କରିଥିବା ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ମୃତ ଚାଷୀ ଜଣକ ହେଲେ ବୁଗୁଡ଼ା ଥାନା ଅନ୍ତର୍ଗତ ତାଳସାକର ଗ୍ରାମର ଅରୁଣ ନାୟକ(୩୮)ଏବଂ ଗିରଫ ଅଭିଯୁକ୍ତ ଶିକାରୀ ଜଣକ ହେଲେ ସେହି ଗ୍ରାମର କୃଷ୍ଣଚନ୍ଦ୍ର ଜେନା । ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଶବକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇବା ସହ କେସ୍ ନଂ

୩୦୩/୨୪ରେ ଏକ ମାମଲା ରୁଜୁ କରିଥିବା ନେଇ ଆଇଆଇସି ପ୍ରଭାତ ରଞ୍ଜନ ମହାନ୍ତିଙ୍କଠାରୁ ପ୍ରକାଶ ପାଇଛି । ପ୍ରକାଶ ଯେ , ଗତକାଲି କୃଷ୍ଣଚନ୍ଦ୍ର ବାରହା ଶିକାର କରିବା ଉଦ୍ଦେଶ୍ୟରେ ତାଳସାକର ଗାଁର ଆଗୁଳ ତଳ ବିଲରେ ୧୧ କେଭିରୁ ବିଦ୍ୟୁତ୍ ତାର ସଂଯୋଗ କରି ଫାସ ବିଛାଇଥିଲେ । ଅନ୍ୟପକ୍ଷରେ ଅରୁଣ ନିଜର ଚଣା ପଦରରେ ପାଣି ମାଡିବାକୁ ଯାଉଥିଲା ବେଳେ ବାରହା ଶିକାର ସକାଶେ ବିଛାଯାଇଥିବା ବିଦ୍ୟୁ ଫାସରେ ଛନ୍ଦି ହୋଇ ମୃତ୍ୟୁ ବରଣ କରିଥିଲେ । ପରିବାର ଲୋକେ ରାତିରେ ଅରୁଣଙ୍କ କୌଣସି ଖୋଜ ଖବର ପାଇ ପାରିନଥିଲା ବେଳେ ସକାଳେ ସେହି ରାସ୍ତାରେ ଯାଉଥିବା ସମୟରେ ଅରୁଣଙ୍କ ମୃତ ଦେହ ବିଦ୍ୟୁତ୍ ଫାସରେ ଛନ୍ଦି ହୋଇ ପଡିଥିବା ଦେଖିବାକୁ ପାଇଥିଲେ ଛ ଏ ନେଇ ଖବର ପାଇବା ପରେ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଶବ ଏବଂ ବିଦ୍ୟୁତ୍ ଫାସର ସମସ୍ତ ସରଞ୍ଜାମକୁ ଜବତ କରିବା ସହ ଶିକାରୀ କୃଷ୍ଣଚନ୍ଦ୍ରଙ୍କୁ ଗାଁ ନିକଟ ଜଙ୍ଗଲରୁ ଧରିଥିଲା ।

ରାସ୍ତା ଉପରେ ବିଭିନ୍ନ ସ୍ଥାନରେ ଗଛ ଓ ନଳକୂପ : ଦୁର୍ଘଟଣା ଆଶଙ୍କା

ହିନ୍ଦୋଳ,୨୭।୪ ଏକ୍ସପ୍ରେସ୍ ନ୍ୟୁଜ୍

ହିନ୍ଦୋଳ –ମହିଧରପୁର ୬୪ ନଂ ରାଜ୍ୟ ରାଜପଥର ବିଭିନ୍ନ ସ୍ଥାନରେ ରାସ୍ତା ଉପରେ ଛୋଟ ବଡ ଗଛ ଓ ନଳକୂପ ରହିଥିବାରୁ ଦୁର୍ଘଟଣା ଆଶଙ୍କା କରାଯାଉଛି। ପ୍ରତିଦିନ ଉକ୍ତ ରାସ୍ତା ଦେଇ ଅନୁଗୋଳ, ତାଳଚେର, ସମ୍ବଲପୁର, ଝାରସୁଗୁଡ଼ା, ରାଉଲକେଲା ଆଦି ସ୍ଥାନରୁ ବହୁ ଛୋଟ ବଡ ଯାନ ହିନ୍ଦୋଳ ଦେଇ ନରସିଂହପୁର ବଡମ୍ବା, ନୟାଗଡ଼ ଖୋର୍ଦ୍ଧା ବ୍ରହ୍ମପୁର ଆଦି ସ୍ଥାନକୁ ଯାତାୟତ କରୁଥିବା ବେଳେ ସମାନ ସଂଖ୍ୟକ ଯାନ ବିପରୀତ ଦିଗରୁ ହିନ୍ଦୋଳ ଦେଇ ଅନୁଗୋଳ ତାଳଚେର ସମ୍ବଲପୁର ଆଦି ସ୍ଥାନକୁ ଯାତାୟତ କରିଥାନ୍ତି। ପୂର୍ବରୁ ଉକ୍ତ ରାସ୍ତା ଉପରେ ଛୋଟ ବଡ କେତୋଟି ଦୁର୍ଘଟଣା ଘଟିଥିବା ନଜିର ରହିଛି। ଏବେ ଅନୁଗୋଳ ଦିଗରୁ ମହିଧରପୁର ଦେଇ ହିନ୍ଦୋଳ ଅଭିମୁଖେ ଆସିଥିବା ରାସ୍ତାକୁ ପ୍ରଶସ୍ତି କରଣ କରାଯାଇ ନୂଆ ରୂପ ଦିଆ ଯାଇଥିଲେ ହେଁ ରାସ୍ତାର ବାଉଁଶ ପୋଖରୀ କନ୍ତଝମିଲା ଛକ ପାଖା ପାଖି ତିନି ଚାରୋଟି ଗଛ ସହିତ ବାଉଁଶ ପୋଖରୀ ଅଞ୍ଚଳ ରାସ୍ତା ଉପରେ ଏକ ପୁରାତନ ନଳକୂପ ରହିଥିବାରୁ ଯାତାୟତରେ ବାଧା ସୃଷ୍ଟି ହେଉଛି। ସେହିଭଳି ଖଇରାସାହି ତାରିଣୀ ଛକ ପୂର୍ବରୁ ରାସ୍ତା ଉପରେ ଏକ ବଡ ଚାଖୁଣ୍ଡା ଗଛ ରହିଥିବାରୁ ଗମନା ଗମନ ବିପଦ ଜନକ ହୋଇ ପଡ଼ିଛି। ଏଥିସହ ଖଇରାସାହି ମଧ ଭାଗରେ ବାମ ପାର୍ଶ୍ୱକୁ ଏକ ନଳକୂପ ରହିଥିବାରୁ ସମାନ ସମସ୍ୟା ଦେଖା ଦେଇଛିଛ ଦିନ ବେଳା ଗାଡ଼ି ଚଳା ଚଳ ସ୍ୱାଭାବିକ ହୋଇ ପାରିଥିଲେ ମଧ ସନ୍ଧ୍ୟା ପରଠାରୁ ଉକ୍ତ ସ୍ଥାନ ମାନଙ୍କରେ ରାସ୍ତା ପାର୍ଶ୍ୱ ଆଲୋକିକରଣବ୍ୟବସ୍ଥା ନଥିବାରୁ ସମସ୍ୟା ବଢୁଛି। ପୂର୍ତ୍ତ ଓ ରାସ୍ତା ନିର୍ମାଣ ବିଭାଗ, ଗ୍ରାମ୍ୟ ପାଇପ ଜଳ ଯୋଗାଣ ବିଭାଗ ଓ ସ୍ଥାନୀୟ ବନ ବିଭାଗ କର୍ତ୍ତୃପକ୍ଷ ରାସ୍ତା ସମସ୍ୟା ପ୍ରତି ଯତ୍ନବାନ ହୋଇ ବିହୀତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଞ୍ଚଳ ବାସୀ ଦୃଢ଼ ଦାବି କରୁଛନ୍ତି।

ଅବକାରୀ ବିଭାଗ ପକ୍ଷରୁ ଚଢାଉ ୨୨୦ କିଗ୍ରା ଗଞ୍ଜେଇ ଜବତ

ଫୁଲବାଣୀ,୨୭।୪ଏକ୍ସପ୍ରେସ୍ ନ୍ୟୁଜ୍

କନ୍ଧମାଳ ଜିଲା ସଦର ଅବକାରୀ ବିଭାଗକୁ ମିଳିଛି ସଫଳତା। ଅବକାରୀ ଅଧିକ୍ଷକ ଝାସକେତନ ବରିହାଙ୍କ ନିର୍ଦ୍ଦେଶ କ୍ରମେ କୌଣସି ସୂତ୍ରରୁ ଖବର ପାଇ ଗୋଛାପଡା ଥାନା ଅନ୍ତର୍ଗତ ବୁଡେନପଙ୍ଗା ଗ୍ରାମର ବବିତା କହଁରଙ୍କ ଘର ବାଡ଼ିରେ ଥିବା କଦଳୀ ବଗିଚାରେ ଏଗାରଟି ବସ୍ତା ରେ ଗଞ୍ଜେଇ ଚାଲାଣ କରିବା ଉଦ୍ଦେଶ୍ୟରେ ରଖାଯାଇ ଥିବା ଜାଣି ଅବକାରୀ ବିଭାଗ ପକ୍ଷରୁ ଚଢାଉ କରି ୨୨୦ କିଗ୍ରା ଗଞ୍ଜେଇ ଜବତ କରିଥିଲେଏଥିସହିତ ବବିତା କହଁରଙ୍କୁ ଗିରଫ କରି ଏକ ମାମଲା ଥାନା କେଶ ନମ୍ବର ୦୪/୨୪ ରୁଜୁ କରିବା ସହ କୋର୍ଟ ଚାଲାଣ କରିଥିବା ଅବକାରୀ ଅଧିକାରୀ ପୂର୍ଣ୍ଣ ଚନ୍ଦ୍ର ବେହେରା ସୂଚନା ଦେଇଛନ୍ତି ।ଏସ ଆଇ ପୂର୍ଣ୍ଣ ଚନ୍ଦ୍ର ବେହେରା, ଏଏସ ଆଇ ଭବାନୀ ଶଙ୍କର ସେଠୀ,ଏସ ଆଇ ମୋବାଇଲ ସୁଜିତ କୁମାର ମୁଦୁଲି ଏବଂ ଭୃଗୁପତି ଦିଗାଲ,ଏସ ଆଇ ସଦାଶିବ ରଣା, ଏମ ସଞ୍ଜୀବ କୁମାର,ମିନତୀ ଗୁନ୍ତିଆ, ସଚିନ ଗୁରୁ ଏକ୍ସଆଇଜ କନେଷ୍ଟବଲ ଏବଂ ଷ୍ଟାଫ କଡ୍ରିଙ୍ଗିଆ ମୁଖ୍ୟ ରାସ୍ତାରେ ପେଟ୍ରୋଲିଂ କରୁଥିବା ସମୟରେ ଖବର ପାଇ ମିଳିତ ଭାବେ ଚଢାଉ କରିଥିଲେ।

ସରକାରୀ ନିୟମକୁ ଫୁଁ :ଡ଼ହ ଡ଼ହ ଖରାରେ କାମ କରୁଛନ୍ତି ଶ୍ରମିକ

ଗୋପ,୨୭।୪ ଏକ୍ସପ୍ରେସ୍ ନ୍ୟୁଜ୍

ରାଜ୍ୟରେ ଗ୍ରୀଷ୍ମ ପ୍ରବାହ କ୍ରମଶଃ ବୃଦ୍ଧି ଯୋଗୁଁ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ ଦ୍ୱାରା ବିଜ୍ଞାପିତ ଜାରି କରିଛନ୍ତ। ଦିନ ୧୧ ଟା ପରଠୁ ୩ ପର୍ଯ୍ୟନ୍ତ କୌଣସି ଠିକାଦାର ଶ୍ରମିକ ଙ୍କୁ ନେଇ କାର୍ଯ୍ୟ କରିପାରିବେ ନାହିଁ । କିନ୍ତୁ ଗୋପ ବ୍ଲକ ଅଣ୍ଡରା ଇଚ୍ଛାପୁର ଜିପିରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି । ଉକ୍ତ ପଞ୍ଚାୟତ ମଧ ଦେଇ ଏକ ରାସ୍ତା କାର୍ଯ୍ୟ ବାମନଳା ଠାରୁ ଗୋପ ପର୍ଯ୍ୟନ୍ତ ପ୍ରାୟ ୬ କିଲୋମିଟର ରାସ୍ତା କାର୍ଯ୍ୟ ପାଇଁ ୧୧ କୋଟି ରୁ ଉର୍ଦ୍ଧ ଟଙ୍କା ର ବ୍ୟୟ ବରାଦ ହେଉଛି ।ଯେଉଁଥିରେ ଲକ୍ଷ୍ମୀ ବସ୍ ଚାଲିବା ପାଇଁ ରାସ୍ତା କାମ ଚାଲୁଅଛି । କେଉଁଟି ନାଳ ବନ୍ଧ ଦେଇ ରାସ୍ତା ର୍ନିମାଣ ହେଉଛି ତ କେଉଁଠି ନଦୀ ବନ୍ଧ ଉପରେ କାର୍ଯ୍ୟ ହେଉଛି ଯେଉଁଟା ଯାତାୟାତ ରେ ବିପଦ ସୃଷ୍ଟି କରିପାରେ ? ଉକ୍ତ କାର୍ଯ୍ୟର କିଛି ଅଂଶ ଇଚ୍ଛାପୁର ଠାରେ ଦିନ ୧୨ ଟା ସମୟରେ ଡହଡହ ଖରା ଏଂ

ଅସହ୍ୟ ଗରମ ରେ ଶ୍ରମିକମାନଙ୍କ ସୁରକ୍ଷା ର କୌଣସି ବନ୍ଦୋବସ୍ତ ନକରି ଠିକାଦାର କେଉଁଭଳି ବେନିୟମ ଭାବେ କାର୍ଯ୍ୟରେ ଲଗାଉଛନ୍ତି ।ସରକାରୀ ନିୟମ ଅନୁଯାୟୀ ଦିନ ୧୧ଟାରୁ ୩ ଟା ପର୍ଯ୍ୟନ୍ତ ଶ୍ରମିକମାନେ ଡହଡହ ଖରା ରେ କାମ କରିବେ ନାହିଁ ବୋଲି ଶ୍ରମ ବିଭାଗ ପକ୍ଷରୁ ସମସ୍ତ ବିଭାଗୀୟ ଅଧିକାରୀ ଙ୍କୁ ସୂଚିତ କରିଛନ୍ତି କିନ୍ତୁ ଠିକାଦାର ନିଜର ସ୍ୱାର୍ଥ ପାଇଁ ନା କାହା ପରାମର୍ଶ ରେ ନିରୀହ ଗରିବଙ୍କୁ ଖରା ରେ ରାସ୍ତା କାର୍ଯ୍ୟରେ ନିୟୋଜିତ କରୁଛନ୍ତି । ଅସହ୍ୟ ଗୁଲୁଗୁଳି ରେ ଡ଼ହକ ବିକଳ ହୋଇ କାର୍ଯ୍ୟ କରୁଛନ୍ତି ଯଦି କୌଣସି କାରଣ ବଶତଃ ରୁଦ୍ର ତାପ ସମୟରେ ଜଣେ ଶ୍ରମିକ କିଛି ଅଘଟଣ ହୋଇଯାଏ ତେବେ ଠିକାଦାର ଦାୟୀ ରହିଁବେ ନା ଶ୍ରମ ବିଭାଗ ? କାର୍ଯ୍ୟ ର ମାନ ନିରୀକ୍ଷଣ ନିମନ୍ତେ କୌଣସି ବିଭାଗୀୟ ଅଧିକାରୀ ଖରା ପାଇଁ କାର୍ଯ୍ୟ ଉପରେ ରହୁନଥିବା ସମୟରେ ଠିକାଦାର କିପରି ଶ୍ରମିକମାନଙ୍କୁ ରାସ୍ତା କାର୍ଯ୍ୟରେ ନିୟୋଜିତ କରୁଛନ୍ତି ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରୁଛି । ଉକ୍ତ କାର୍ଯ୍ୟ ର କୌଣସି ଫଳକ ସ୍ଥାପନ ହୋଇନାହିଁ ବ୍ୟୟ ବରାଦ କେତେ କାର୍ଯ୍ୟର ଅବଧି କେତେ ବର୍ଷ ପାଇଁ କେତେ ପରିମାଣରେ ସାମଗ୍ରୀ ବ୍ୟବହାର କରାଯିବ କେବେ ସରିବ ତାର କୌଣସି ସୂଚନା ନାହିଁ । ବିଭାଗୀୟ ଅଧିକାରୀ କି ଯନ୍ତ୍ରୀ ଅନୁପସ୍ଥିତ ହେତୁ କାର୍ଯ୍ୟ ଟି ଠିକାଦାର ଦ୍ୱାରା ଅତ୍ୟନ୍ତ ନିମ୍ନମାନ ର ହେବା ସହିତ ବେସରକାରୀ ଜାଗାଉପରେ ଯୋର ଜବରଦସ୍ତ କରୁଛନ୍ତି ବୋଲି ସ୍ଥାନୀୟ ବ୍ୟକ୍ତି ଙ୍କ ଠାରୁ ଶୁଣିବାକୁ ମିଳୁଛି । ଏଣୁ ସରକାରୀ ନିୟମଅନୁଯାୟୀ ବିଭାଗୀୟ ଅଧିକାରୀ ଙ୍କ ଉପସ୍ଥିତି ରେ ର୍ନିଦ୍ଧିଷ୍ଟ ସମୟରେ କରିବାକୁ ସାଧାରଣ ରେ ଦାବୀ କରିଛନ୍ତି ସ୍ଥାନୀୟ ଜନସାଧାରଣ ।

କାମ କରୁଥିବାବେଳେ ସାତ ମହଲାରୁ ଖସି ଦାଦନ ଶ୍ରମିକଙ୍କ ମୃତ୍ୟୁ

ନର୍ଲା,୨୭।୪ ଏକ୍ସପ୍ରେସ୍ ନ୍ୟୁଜ୍

ଏବେ ନିର୍ବାଚନର ଋତୁ ଚାଲିଥିବାବେଳେ କେନ୍ଦ୍ର ଓ ରାଜ୍ୟରେ କ୍ଷମତାରେ ଥିବା ଦଳ ହେଉ କି ବିଭିନ୍ନ ଦଳ ବିଭିନ୍ନ ପ୍ରାର୍ଥୀ ଲୋକଙ୍କ ପାଇଁ କରିଥିବା ଅନେକ ଯୋଜନା, ଅନେକ କାମ, ଅନେକ ସଫଳତା ସମ୍ପର୍କରେ ବଖାଣୁଛନ୍ତିଛ ଏହାସହିତ ଜନସାଧାରଣଙ୍କୁ ତାଙ୍କର ଭୋଟ ବଦଳରେ ଦେଖାଉଛନ୍ତି ଭଳି କି ଭଳି ବିକାଶର ସ୍ୱପ୍ନ। କିନ୍ତୁ ଠିକ ସେହି ସମୟରେ ପେଟ ଚାଖଣ୍ଡକ ପୋଷିବାକୁ ପରିବାର ସହିତ ଦାଦନ ଖଟିବାକୁ ଯାଇଥିବା ଜଣେ ଦାଦନ ଶ୍ରମିକ ଚିକିତ୍ସାଧୀନ ଭାବେ ଜୀବନ ହରାଉଛନ୍ତି। ଏଇ ଜୀବନ ଯିବା ସହିତ ହିଁ ସରକାର, ପ୍ରଶାସନ, ଶାସକ, ବିରୋଧୀ ସମସ୍ତଙ୍କ ଘୋଷଣା, ସମସ୍ତଙ୍କ ସ୍ୱପ୍ନ ସତେ ଯେମିତି ଧୂଆଁ ହୋଇ ମିଳେଇଯାଉଛିକେବଳ ସେତିକି ନୁହେଁ ଏଇ ଦାଦନ ଶ୍ରମିକଙ୍କ ମୃତ୍ୟୁ ଆମ ସମାଜର ସମସ୍ତଙ୍କ ମୁଖା ଖୋଲିଦେଉଛି। ଏପରି ଏକ ଦୁଃଖଦ ଘଟଣାସୂଚାଉଛି ଆମେ ଆଜି କେତେ ଉନ୍ନତ, କେତେ ବିକଶିତ ? ଆମ ଯୋଜନା ସବୁ କେତେ ଫଳପ୍ରଦ ? ଏପରି ଏକ ହୃଦୟବିଦାରକ ଘଟଣା ଘଟିଛି କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ ଗିଗିନା ଗ୍ରାମର ଜଣେ ଦାଦନ ଶ୍ରମିକ ଜଗଦୀଶ ନାଗଙ୍କ କ୍ଷେତ୍ରରେ। ଗାଁରେ କାମଧନ୍ଦା ଅଭାବରୁ ଜଗଦୀଶ ନିଜ ପରିବାର ସହିତ ଗୁଜରାଟର ରାଜକୋଟକୁ ଯାଇଥିଲେ। ତିନିବର୍ଷ ହେଲା ସେଠାରେ ପରିବାର ସହିତ କାମ କରୁଥିବାବେଳେ ଗତ ଗୁରୁବାର ୨୬ ତାରିଖ ଦିନ ୧୦ଟା ସମୟରେ ଏକ ନିର୍ମାଣାଧୀନ ବିଲଡିଂରେ କାମ କରୁଥିବାବେଳେ ପାଦ ଖସିଯିବାରୁ ସାତ ମହଲା ଉପରୁ ଖସି ପଡ଼ିଥିଲେ। ତାଙ୍କୁ ଅତ୍ୟନ୍ତ ଗୁରୁତର ଭାବେ ସ୍ଥାନୀୟ ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାବେଳେ ସନ୍ଧ୍ୟାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ଜଗଦୀଶଙ୍କ ମୃତ୍ୟୁ ପରେ ପରିବାର ବର୍ଗ ସଂପୂର୍ଣ୍ଣ ଭାବେ ଭାଙ୍ଗି ପଡ଼ିଥିବାବେଳେ ଶବ ବ୍ୟବଚ୍ଛେଦ ପରେ ତାଙ୍କ ପତ୍ନୀ ଜୟନ୍ତୀ ନାଗ ଧାରକରଜ କରି ଆମ୍ବୁଲାନ୍ସ ଯୋଗେ ଘରକୁ ମୃତଦେହ ଆଣୁଥିବା ଖବର ମିଳିଛି। ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତିଙ୍କ ମୃତ୍ୟୁ ପରେ ଏହି ପରିବାର ଉପରେ ସତେ ଯେମିତି ଦୁଃଖର ବିରାଟ ପାହାଡ଼ ଭାଙ୍ଗିପଡିଛି।

ଟାଣ ଖରା ଯୋଗୁଁ ପାନୀୟ ଜଳ ଯୋଗାଣ ଠପ

ଅଫିସରୁ ଜେନେରେଟର ଉଭାନ: ଯନ୍ତ୍ରୀ ଓ ଏସଡିଓ କୁମ୍ଭକର୍ଣ୍ଣ ନିଦ୍ରାରେ

ନୀଳଗିରି,୨୭।୪ଏକ୍ସପ୍ରେସ୍ ନ୍ୟୁଜ୍

ରାଜ୍ୟ ସରକାର ଜନସାଧାରଣଙ୍କ ନିମନ୍ତେ ସ୍ୱଚ୍ଛ ପାନୀୟ ଜଳ ଯୋଗାଣ ପାଇଁ ଯୋଜନା ପ୍ରଣୟନ କରିଛନ୍ତି । କିନ୍ତୁ ଏହା କେବଳ କାଗଜ କଲମରେ ସିମିତ । ଏପରି ଏକ ଗୁରୁତ୍ୱପୂର୍ଣ୍ଣ ଘଟଣା ଦେଖାଇବାକୁ ମିଳିଛି ବାଲେଶ୍ୱର ଜିଲ୍ଲା ନୀଳଗିରି ଜନସ୍ୱାସ୍ଥ୍ୟ ବିଭାଗରେ । ଏହା ଏକ ପାହାଡିଆ ଅଞ୍ଚଳ ହୋଇଥିବାରୁ ପାଣି ସମସ୍ୟା ଦେଖାଯାଏ କିନ୍ତୁ ଏହାକୁ ସମାଧାନ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କ ମନଇଚ୍ଛା ଅନୁପସ୍ଥିତ ଯୋଗୁ କେବଳ କର୍ମଚାରୀଙ୍କ ଦ୍ୱାରା ଅଫିସ କାର୍ଯ୍ୟ ଚାଲିଛି ।ଜନସାଧାରଣଙ୍କ ଠାରୁ ପାଣି ବିଲ୍ ଆଦାୟ ହେଉଥିବା ବେଳେ ହିତାଧିକାରୀଙ୍କୁ ଦୂଷିତ ପାନୀୟ ପାଇପ୍ ଜଳ ଯୋଗାଣ ହେଉଛି । ବିଭିନ୍ନ ୱାର୍ଡକୁ ପାନୀୟ ଜଳ ଯୋଗାଣ ହେଉଥିବା ପାଇପ ଫାଟିଥିବା ସହିତ ବିଭିନ୍ନ ସ୍ଥାନରେ ଥିବା ପାଣି ଚାବି ନିକଟରେ ପାଣି ଜମା ହେଉଥିବାରୁ ଦୂଷିତ ପାଣି ବ୍ୟବହାର କରୁଛନ୍ତି ହିତାଧିକାରୀମାନେ। ଅନ୍ୟ ପକ୍ଷରେ ନୀଳଗିରି ଜନସ୍ୱାସ୍ଥ୍ୟ ବିଭାଗର ଯନ୍ତ୍ରୀ ନୀଳଗିରିରେ ଚାକିରି କରିଥିବା ବେଳେ ଅନେକ ସମୟରେ ଅତିରିକ୍ତ ଭାବେ ରେମୁଣା ଜନସ୍ୱାସ୍ଥ୍ୟ ବିଭାଗର ଯନ୍ତ୍ରୀ ଦାୟିତ୍ୱରେ ରହିଛନ୍ତି । ମାତ୍ର ନୀଳଗିରି ଆସୁନଥିବାରୁ ନୀଳଗିରିରେ ଥିବା ସମସ୍ୟା ଦୂର ହେଉ ନ ଥିବାର ଅଭିଯୋଗ କରୁଛନ୍ତି ନିଳଗିରି ଏନ୍ଏସି ବାସୀ ।ସେହିପରି କାଳବୈଶାଖୀ ଓ ବିଦ୍ୟୁତ୍ ଯୋଗାଣ ବ୍ୟାହତ ହେଲେ ନୀଳଗିରିବାସୀଙ୍କୁ ନିରବଚ୍ଛିନ ପାଣି ଯୋଗାଣ ପାଇଁ ଦୁଇ ଦୁଇଟି ପାୱାର ଜେନେରେଟର ଯୋଗାଇ ଦିଆଯାଇଛି । କିନ୍ତୁ ଏହା କେବଳ ଜନସାଧାରଣଙ୍କ ସେବା ନ ଆସି ଖରା, ବର୍ଷା ଓ ଶୀତ କାକରରେ ପଡ଼ିରହି ନଷ୍ଟ ହେବାକୁ ବସିଲାଣି । କଥାରେ ଅଛି ସରକାର କା ମାଲ ଦରିଆ ମେ ଦାଲ ନୀତିରେ ଯନ୍ତ୍ରୀ ଜଣଙ୍କ ଜନସାଧାରଣଙ୍କ ଅର୍ଥକୁ ବରବାଦ କରିବାରେ ଲାଗିପଡିଛନ୍ତି । ପୁର୍ବରୁ ଥିବା ଯନ୍ତ୍ରୀଙ୍କ ସମୟରେ

ନୀଳଗିରି ଏନ୍ ଏ ସି ବାସୀ ସଠିକ୍ ଭାବେ ସ୍ୱଚ୍ଛ ପାନୀୟ ଜଳ ପାଉଥିବା ବେଳେ ବର୍ତମାନ ଯନ୍ତ୍ରୀଙ୍କ ଅନୁପସ୍ଥିତ ଯୋଗୁ ସ୍ୱଚ୍ଛ ଓ ନୀରବଛନ ପାଣି ଯୋଗାଣରୁ ବଞ୍ଚିତ ହେଉଛନ୍ତି । ଏ ସମ୍ପର୍କରେ ଜନସ୍ୱାସ୍ଥ୍ୟ ବିଭାଗର ଏସ ଡିଓଙ୍କୁ ଅବଗତ କରାଇଥିଲେ ମଧ କୌଣସି ସୁଫଳ ମିଳୁ ନଥିଲା ବେଳେ ଯନ୍ତ୍ରୀଙ୍କୁ ପରୋକ୍ଷ ଭାବେ ସହଯୋଗ କରୁଛନ୍ତି ବୋଲି କହିଛନ୍ତି ସ୍ଥାନୀୟ ଅଞ୍ଚଳବାସୀ । ବାରମ୍ବାର ଅଭିଯୋଗ ସତ୍ତ୍ୱେ ଯନ୍ତ୍ରୀଙ୍କ ବିରୁଦ୍ଧରେ ଅଭିଯୋଗ କଲେ ମଧ ଏସ ଡି ଓ ତାଙ୍କୁ ସୁରକ୍ଷା ଯୋଗାଇ ଦେଉଛନ୍ତି । ତେଣୁ ଏବେ ସମଗ୍ର ନୀଳଗିରି ଏନ୍ ଏ ସି ରେ ଚର୍ଚ୍ଚା ହେଉଛି ଜଳ ସମସ୍ୟା ଦୂର କରିବା ପାଇଁ ଅଭିଯୋଗ କଲେ ପରୋକ୍ଷରେ ଯନ୍ତ୍ରୀଙ୍କୁ ପ୍ରସ୍ରେୟ ଦେଉଛନ୍ତି ବୋଲି ଏସ ଡି ଓ ଝ ଆଜି ବିଦ୍ୟୁତ୍ ବିଭାଗ ର ଜରୁରୀକାଳୀନ ମରାମତି ନିମନ୍ତେ ସକାଳ ୬ଟା ଠାରୁ ୧୦ଟା ପର୍ଯ୍ୟନ୍ତ ବିଦ୍ୟୁ ଯୋଗାଣ ବନ୍ଦ ରହିବ ବୋଲି ଘୋଷଣା କରିଥିଲେ । ଏହାକୁ ନେଇ ଯନ୍ତ୍ରୀ ଓ ଏସଡିଓଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ ପାୱାର ଜେନେରେଟର ନ ଚଳାଇ ପାଇପ ଜଳ ଯୋଗାଣ ବନ୍ଦ କରିଛନ୍ତି ଝ ବର୍ତ୍ତମାନ ଭୀଷଣ ଗରମକୁ ଦୃଷ୍ଟିରେ ରଖି ସରକାରଙ୍କ ପକ୍ଷରୁ ପାଣି ଯୋଗାଣ ପାଇଁ ନିର୍ଦ୍ଦେଶ ଥିବାବେଳେ ଏହାକୁ ବେଖାତିର କରିଛନ୍ତି ଯନ୍ତ୍ରୀ ଓ ଏସ ଡି ଓ ଝ ଜଳ ପାଇଁ ଜନସାଧାରଣ ତ୍ରାହିତ୍ରାହି ବିକଳ ହେଉଥିବା ବେଳେ ଯନ୍ତ୍ରୀ ଅନୁପସ୍ଥିତ ରହିବା ସହିତ ଏସ ଡି ଓ ଏହି ସମସ୍ୟାକୁ ଗୁରୁତ୍ୱ ଦେଇ ନ ଥିଲେ। ଯଦି ଏମାନଙ୍କ ବିରୁଦ୍ଧରେ ବାଲେଶ୍ୱର ଜିଲ୍ଲାପାଳ, ନୀଳଗିରି ଉପଜିଲ୍ଲାପାଳ, ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯାଏ ତେବେ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବା ପାଇଁ ଜନ ଆନ୍ଦୋଳନର ଦାନା ବାନ୍ଧୁଥିବାର ଲକ୍ଷ୍ୟ କରାଯାଇଛି । ସେହିପରି ନୀଳଗିରି ଜନସ୍ୱାସ୍ଥ୍ୟ ବିଭାଗକୁ ୨ଟି ପାୱାର ଜେନେରେଟର ଯୋଗାଇ ଦିଆଯାଇଥିବା ବେଳେ ଗୋଟିଏ ପାୱାର ଜେନେରେଟର ବାଲିଗୋହୋରି ପମ୍ପଘର ନିକଟରେ ଥିବା ଜଣେ ବ୍ୟକ୍ତିଙ୍କ ବାଡ଼ିରେ ଖୋଲା ଆକାଶ ତଳେ ରହିଥିବା ବେଳେ ଜନସ୍ୱାସ୍ଥ୍ୟ ବିଭାଗ ଅଫିସରେ ଥିବା ପାୱାର ଜେନେରେଟରଟି କୁଆଡେ ଉଭାନ ହୋଇଯାଇଥିବାର ଦେଖିବାକୁ ମିଳିଛି । ଏ ନେଇ ଯୋଗାଯୋଗ କରିବାରୁ ଯୋଗାଯୋଗ ସମ୍ଭବ ହୋଇ ପାରି ନ ଥିଲା ।

ସିଙ୍ଗାରୀ ସଂରକ୍ଷିତ ଜଙ୍ଗଲରେ ପୁଣି ନିଆଁର ପ୍ରକୋପ

କଲମପୁର,୨୭।୪ ଏକ୍ସପ୍ରେସ୍ ନ୍ୟୁଜ୍

ରାଜ୍ୟରେ ଏବେ ଲାଗି ରହିଛି ଅଗ୍ନି ବର୍ଷା। ଏହି ଗ୍ରୀଷ୍ମ ତାପ ଯୋଗୁଁ ରାଜ୍ୟର ବିଭିନ୍ନ ଜଙ୍ଗଲରେ ନିଆଁର ପ୍ରକୋପ ବୃଦ୍ଧି ପାଉଛି। କଳାହାଣ୍ଡି ଜିଲ୍ଲାର ଅନ୍ୟ ଏକ ଶାଳ , ପିଆଶାଳ ସମେତ ଶିଶୁ ସାଗୁଆନ , ହରିଡା, ବାହାଡା ଓ ଗମ୍ଭାରୀ ଭଳି ମୂଲ୍ୟବାନ ଏବଂ ଔଷଧିୟ ଗଛରେ ପୂର୍ଣ୍ଣ ସିଙ୍ଗାରୀ ସଂରକ୍ଷିତ ଜଙ୍ଗଲରେ ଏବେ ନିଆଁର ପ୍ରକୋପ। ରୀତିମତ ଜଙ୍ଗଲରେ ନିଆଁ ଲାଗୁଥିବାରୁ ଦିନକୁ ଦିନ ଶ୍ରୀହୀନ ହେବାରେ ଲାଗିଛି ସିଙ୍ଗାରୀ ସଂରକ୍ଷିତ ଜଙ୍ଗଲର ସବୁଜିମା। ଅସ୍ତ ବ୍ୟସ୍ତ ହେଉଛନ୍ତି ଜଙ୍ଗଲୀ ଜନ୍ତୁ ଏବଂ ପକ୍ଷୀ। ଜଙ୍ଗଲରେ ଥିବା ଝରଣା ଶୁଖି ସାରିଛି। କାମରେ ନିମ୍ନମାନର ଯୋଗୁଁ ସଂରକ୍ଷିତ ଜଙ୍ଗଲରେ ଜଙ୍ଗଲି ଜନ୍ତୁଙ୍କ ନିମନ୍ତେ ପାଣି ସଂରକ୍ଷଣ ପାଇଁ ମନରେଗା ଯୋଜନାରେ ଖୋଳାଯାଇଥିବା ଗତ ସବୁ ପୋତି ହେଇ ସାରିଲାଣି।।